# ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

୩୫ ତମ ସ୍ୱତନ୍ତ୍ର ଅଧିବେଶନର ବିବରଣୀ

ପ.ସଂ- ୨୨୫୦ ପାମଠ-୦୬-୧୪ରିଖ, ତା ୨୭.୦୬.୧୪ରିଖ

ସ୍ଥାନ - ସମ୍ମିଳନୀ କକ୍ଷ

ସମୟ - ପୂର୍ବାହ୍ନ ଘ ୧୧.୩୦ଟିକା

ଅଦ୍ୟ ତା୨୭.୦୬.୧୪ ରିଖ ପୂବାହ୍ନ ଘ.୧୧.୩୦ ଟିକା ସମୟରେ ପାରାଦ୍ୱୀପ ପୌର ପରିଷଦର ୩୫ତମ ସ୍ୱତନ୍ତ୍ର ଅଧିବେଶନ ଅଧକ୍ଷା ମଞ୍ଜୁଲତା ଜେନାଙ୍କ ପୌରୋହିତ୍ୟରେ ପରିଷଦର ସମ୍ମିଳନୀ କକ୍ଷରେ ନିମ୍ନଲିଖିତ ସଭ୍ୟ/ ସଭ୍ୟାମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା ।

| | | |
|---|---|---|
| ୧. | ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ | ଉପାଧକ୍ଷ |
| ୨. | ଶ୍ରୀଯୁକ୍ତ ସୁମନ୍ତ କୁମାର ବିଶ୍ୱାଳ | ମାନ୍ୟବର ସାଂସଦ ଜଗତସିଂହପୁରଙ୍କ ପ୍ରତିନିଧି |
| ୩. | ଶ୍ରୀଯୁକ୍ତ ଉଲ୍ଲାସ କୁମାର ବିଶ୍ୱାଳ | ମାନ୍ୟବର ବିଧାୟକ, ପାରାଦ୍ୱୀପଙ୍କ ପ୍ରତିନିଧି |
| ୪. | ଶ୍ରୀଯୁକ୍ତ ନରେଶ ସାହୁ | ପାରିଷଦ ୱାର୍ଡ ନଂ ୧ |
| ୫. | ଶ୍ରୀମତୀ ଅମ୍ବିକା ପ୍ରଧାନ | ପାରିଷଦ ୱାର୍ଡ ନଂ ୨ |
| ୬. | ଶ୍ରୀଯୁକ୍ତ ମକର ରାଉତ | ପାରିଷଦ ୱାର୍ଡ ନଂ ୫ |
| ୭. | ଶ୍ରୀଯୁକ୍ତ ଅଜୟ କୁମାର ନାୟକ | ପାରିଷଦ ୱାର୍ଡ ନଂ ୮ |
| ୮. | ଶ୍ରୀମତୀ ଚପଳା ସ୍ୱାଇଁ | ପାରିଷଦ ୱାର୍ଡ ନଂ ୧୦ |
| ୯. | ଶ୍ରୀଯୁକ୍ତ ଝାଡେଶ୍ୱର ମାନ୍ନା | ପାରିଷଦ ୱାର୍ଡ ନଂ ୧୩ |
| ୧୦. | ଶ୍ରୀଯୁକ୍ତ ଦିଲ୍ଲିପ କୁମାର ଦାସ | ପାରିଷଦ ୱାର୍ଡ ନଂ ୧୪ |
| ୧୧ | ଶ୍ରୀଯୁକ୍ତ ମାନସ ରଂଜନ ବିଶ୍ୱାଳ | ପାରିଷଦ ୱାର୍ଡ ନଂ ୧୫ |
| ୧୨. | ଶ୍ରୀମତୀ ଅଞ୍ଜନା ରାଉତରାୟ | ପାରିଷଦ ୱାର୍ଡ ନଂ ୧୬ |
| ୧୩ | ଶ୍ରୀମତୀ କାମ୍ୱଲା ଶାନ୍ତି | ପାରିଷଦ ୱାର୍ଡ ନଂ ୧୭ |
| ୧୪. | ଶ୍ରୀଯୁକ୍ତ ଅକ୍ଷୟ କୁମାର ପରିଡା | ପାରିଷଦ ୱାର୍ଡ ନଂ ୧୮ |

ଅଧିବେଶନ ପ୍ରାରମ୍ଭରେ ଅଧକ୍ଷା ମହୋଦୟା, ଗୃହରେ ଉପସ୍ଥିତ ଥିବା ସମସ୍ତ ସଭ୍ୟ/ସଭ୍ୟା / ନିର୍ବାହୀ ଅଧିକାରୀ ଓ ଉପସ୍ଥିତ ଥିବା ସମସ୍ତ ପଦାଧିକାରୀ ମାନଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟସୂଚୀ ଅନୁଯାୟୀ ସଭାକାର୍ଯ୍ୟ ଆରମ୍ଭ କରିଥିଲେ ।

**କାର୍ଯ୍ୟସୂଚୀ ନଂ ୧** -ଓଡ଼ିଶା ସରକାରଙ୍କ, ଗୃହ ଓ ନଗର ଉନ୍ନୟନ ବିଭାଗ ପତ୍ର ସଂଖ୍ୟା ୧୧୬୭୯ ତା ୪.୬.୧୪ରିଖ ଉପରେ ଆଲୋଚନା:-

କାର୍ଯ୍ୟସୂଚୀ ଅନୁଯାୟୀ ଅଧକ୍ଷା ମହୋଦୟା ଓଡ଼ିଶା ସରକାର, ଗୃହ ଓ ନଗର ଉନ୍ନୟନ ବିଭାଗ ପତ୍ର ସଂଖ୍ୟା ୧୧୬୭୯ ତା ୪.୬.୧୪ରିଖ ପତ୍ର ଟିକୁ ଗୃହରେ ପାଠ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ପରେ ଏହା ଉପରେ ଗୃହରେ ବିସ୍ତୃତ ଭାବରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇ ଶ୍ରୀ ବସନ୍ତ ବିଶ୍ୱାଳ, ଉପାଧକ୍ଷ ଗୃହକୁ ପ୍ରସ୍ତାବ ଦେଇଥିଲେ ଯେ, ପରିଷଦ ସଂଲଗ୍ନ ୱାର୍ଡ ନଂ ୨ ଓ ୧୨ର ଭୋଟର ସଂଖ୍ୟା ଆପାତତଃ ୧୦୦୦ରୁ କମ୍ । ତେଣୁ ଉକ୍ତ ଦୁଇ ୱାର୍ଡର ଭୋଟର ସଂଖ୍ୟା ବଢାଇବା ପାଇଁ ପଦକ୍ଷେପ ନିଆଯାଉ । ଏଥିରେ ଭାଗନେଇ ପାରିଷଦ ଶ୍ରୀ ଅକ୍ଷୟ କୁମାର ପରିଡା ୱାର୍ଡ ନଂ ୧୮ ଗୃହକୁ ଅବଗତ କରାଇଥିଲେ ଯେ, ପରିଷଦର ସମୁଦାୟ ୧୮ ଗୋଟି ୱାର୍ଡର ଲୋକସଂଖ୍ୟା, ଭୋଟର ସଂଖ୍ୟା ଓ ଅବସ୍ଥିତିକୁ ଅବଗତ ହୋଇ ୱାର୍ଡ ପୁନଃଗଠନ କରାଯାଉ । ଏହା ଉପରେ ବିସ୍ତୃତ

ଭାବରେ ଆଲୋଚନା କରାଯାଇ ୱାର୍ଡ ନଂ ୧୭କୁ ଦୁଇ ଭାଗ କରାଯାଇ ଆଉ ଏକ ନୂତନ ୱାର୍ଡ ଗଠନ କରାଯିବା ପ୍ରସ୍ତାବ ଗ୍ରହଣ କରାଯାଇ ମ୍ୟୁନିସିପାଲ ଆକ୍ଟ-୧୯୫୦ ଅନୁଯାୟୀ ପାରିଷଦ ପଦବୀ ପାଇଁ ସଂଗ୍ରକ୍ଷଣ (Delimitation of Ward and Reservation of seats) ନିତି ପାଳନ କରିବା ପାଇଁ ଜିଲ୍ଲାପାଳ, ଜଗତସିଂହପୁରଙ୍କୁ ଅନୁରୋଧ କରାଗଲା ଏବଂ ଏ ବାବଦରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନିମନ୍ତେ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା ।

ପରିଶେଷରେ ଅଧକ୍ଷା, ଉପାଧକ୍ଷ, ମାନ୍ୟବର ସାଂସଦ, ଜଗତସିଂହପୁରଙ୍କ ପ୍ରତିନିଧି ଓ ମାନ୍ୟବର ବିଧାୟକ, ପାରାଦ୍ୱୀପଙ୍କ ପ୍ରତିନିଧି ତଥା ଉପସ୍ଥିତ ସମସ୍ତ ପାରିଷଦଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଗଲା ।

ମଞ୍ଜୁଲତା ଜେନା
ଅଧକ୍ଷା, ୩୦.୨.୨୦୨୪
ପାରାଦ୍ୱୀପ ପୌର ପରିଷଦ

ଜ୍ଞାପକ ସଂଖ୍ୟା ୨୨୪୧(୧୮)/ ତା ୩୦-୦୨-୨୪ /ରିଖ

ଏହାର ଏକକିତା ନକଲ ଉପାଧକ୍ଷ/ ମାନ୍ୟବର ସାଂସଦ, ଜଗତସିଂହପୁରଙ୍କ ପ୍ରତିନିଧି/ମାନ୍ୟବର ବିଧାୟକ, ପାରାଦ୍ୱୀପଙ୍କ ପ୍ରତିନିଧି ଓ ସମସ୍ତ ପାରିଷଦଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌର ପରିଷଦ

ଜ୍ଞାପକ ସଂଖ୍ୟା ୨୨୪୨(୩)/ ତା ୩୦-୦୨-୨୪ /ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ଜଗତ୍‌ସିଂହପୁର / ରାଜସ୍ୱ କମିସନର, କେନ୍ଦ୍ରାଞ୍ଚଳ, କଟକ / ନିର୍ଦ୍ଦେଶକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌରପରିଷଦ

Sulokya